## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଜଣେ ମୃତ

ଜୟପୁର,୧୪।୯(ଡି.ଏନ.ଏ.) କୋରାପୁଟ ଜିଲା ଜୟପୁର ବ୍ଲକ ବାଲିଆ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଁର କୁଶ ପରଜା(୪୭)। ପ୍ରକାଶ ଯେ, କୁଶ ବୈପାରୀଗୁଡ଼ା ଥାନା ଅଧୀନ ଘର୍ଷଡ଼ା ଗ୍ରାମ ନିକଟ ଜଙ୍ଗଲକୁ ବାଉଁଶ ଗଜା(କରଡ଼ି) ଆଣିବାକୁ ଯାଇଥିଲେ। ସେଠାରେ ମହୁମାଛି ଆକ୍ରମଣରେ ସେ ଗୁରୁତର ହୋଇଥିଲେ। କୌଣସି ପ୍ରକାରେ ସେ ପାହାଡ଼ ଡେଇଁ ଘର୍ଷଡ଼ା ଗ୍ରାମରେ ପହଞ୍ଚିଥିଲେ। ଗ୍ରାମବାସୀ ଏବଂ ପରିବାର ଲୋକ ତାଙ୍କୁ ବୈପାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ୨୧ ଯୋଦ୍ଧାଙ୍କ ସମେତ ୧୩୬ ପଜିଟିଭ

ରାୟଗଡ଼ା ଅଫିସ,୧୪।୯- ରାୟଗଡ଼ା ଜିଲାରୁ ସୋମବାର ୧୩୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷ ୯୮ ଏବଂ ମହିଳା ୩୮ ଜଣ ରହିଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଖ୍ୟା ୬୨୨୨ରେ ପହଞ୍ଚିଛି। ୫୫୧୪ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୬୭୫ ଜଣଙ୍କ ଚିକତ୍ସା ଚାଲିଛି। ଜିଲାରେ ୩୩ ଜଣଙ୍କ କୋଭିଡ୍ ଜନିତ ମୃତ୍ୟୁ ହୋଇଛି। ସୋମବାର ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ମୁନିଗୁଡ଼ାରୁ ୪୮, କଲ୍ୟାଣସିଂହପୁରରୁ ୨୪, ରାୟଗଡ଼ା ଅରବାନରୁ ୨୪, ଗୁଣୁପୁର ରୁରାଲରୁ ୧୭, କାଶୀପୁରରୁ ୧୦, ଗୁଡ଼ାରୀରୁ ୪, ଚନ୍ଦ୍ରପୁରରୁ ୨, ଗୁଣୁପୁର ଅରବାନରୁ ୨, ରାମନାଗୁଡ଼ାରୁ ୨, ରାୟଗଡ଼ା ରୁରାଲରୁ ୨, ବିଷମକଟକରୁ ୧ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୧ଜଣ କୋଭିଡ୍ ଯୋଦ୍ଧା ରହିଛନ୍ତି।

### ମାଲକାନଗିରିରେ ୨୮ଶହ ଟପିଲା ସଂକ୍ରମିତଙ୍କ ସଂଖ୍ୟା

ମାଲକାନଗିରି,୧୪।୯(ଡି.ଏନ୍.ଏ.) ମାଲକାନଗିରି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୮୦୦ ଟପିଛି। ଜିଲାରୁ ସୋମବାର ପୁଣି ୨୨ ପଜିଟିଭ ବାହାରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୭, ବାଲିମେଳା ଏନ୍ଏସିରୁ ୧, ମାଥିଲିରୁ ୨, କୋରୁକୋଣ୍ଡାରୁ ୪, କାଲିମେଳାରୁ ୭ ଏବଂ ଖଇରପୁଟରୁ ୧ ଜଣ ରହିଛନ୍ତି। ଏଥିସହ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୨୮୧୦ ରେ ପହଞ୍ଚିଛି। ସେଥିମଧ୍ୟରୁ ୨୫୩୪ ଜଣ ସୁସ୍ଥ ହୋଇ ଫେରିଥିବାବେଳେ ୨୬୮ ଜଣ ଚିକିତ୍ସିତ ଅଛନ୍ତି। ସେହିପରି ୮ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିବା ମାଲକାନଗିରି ଜିଲାପାଳ ମନିଷ ଅଗ୍ରୱାଲ୍ ସୂଚନା ଦେଇଛନ୍ତି।

### ୫ହଜାର ମୁହାଁ କୋରାପୁଟରେ ପଜିଟିଭ ସଂଖ୍ୟା

କୋରାପୁଟ,୧୪।୯(ସ୍ୱ.ପ୍ର.)- କୋରାପୁଟ ଜିଲାରେ କରୋନା ସଂକ୍ରମଣ ଥମୁନି। ଜିଲାରୁ ପୁଣି ୯୯ ସଂକ୍ରମିତ ଚିହ୍ନଟ ହୋଇଥିବା ସୋମବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୮୩୧କୁ ବୃଦ୍ଧିପାଇଛି। ଚିହ୍ନଟ ୯୯ ଜଣଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୧୯, କୋରାପୁଟ ପୌରାଞ୍ଚଳରୁ ୧୬, ସୁନାବେଡ଼ା ପୌରାଞ୍ଚଳରୁ ୨୫, କୋଟପାଡ ଏନ୍ଏସି ଅଞ୍ଚଳରୁ ୧୦, କୋରାପୁଟ ବ୍ଲକରୁ ୪, ଜୟପୁରରୁ ୫, କୋଟପାଡରୁ ୨, କୁନ୍ଦୁରାରୁ ୭, ଲମତାପୁଟରୁ ବ୍ଲକରୁ ୪, ଲକ୍ଷ୍ମୀପୁରରୁ ୨, ନାରାୟଣପାଟଣାରୁ ୨, ନନ୍ଦପୁରରୁ ଜଣେ ଏବଂ ପଟ୍ଟାଙ୍ଗୀରୁ ୨ ଜଣ ରହିଛନ୍ତି।

### ସାପ କାମୁଡ଼ାରେ ଭାଜପା ନେତା ଗୁରୁତର

ଚନ୍ଦାହାଣ୍ଡି, ୧୪।୯(ଡ଼ିଏନଏ )- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଭାଜପା ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁଧର ମାଝି(୩୫) ସାପ କାମୁଡାରେ ଗୁରୁତର ହୋଇଛନ୍ତି। ସେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ପ୍ରକାଶ ଯେ, ରବିବାର ସନ୍ଧ୍ୟା ୭ଟାରେ କୌଣସି କାମପାଇଁ ଡମ୍ବରୁଧର ନିଜ ଗାଁ ବୋଦେଲପାଣିରୁ ବାଇକରେ ଯାଉଥିଲେ। ଜଙ୍ଗଲ ରାସ୍ତାରେ ବାଇକରୁ ପାଦ ତଳେ ରଖିବା ବେଳେ ଏକ ବିଷଧର ସାପ ତାଙ୍କ ପାଦରେ ଗୁଡେଇ ହୋଇ କାମୁଡି ଦେଇଥିଲା। ତାଙ୍କ ସହଯୋଗୀମାନେ ଡମ୍ବରଙ୍କୁ ଚନ୍ଦାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସୋମବାର ସକାଳେ ଖବର ପାଇ ବରିଷ୍ଠ ଭାଜପା ନେତା ତଥା ରାୟଗଡା ପ୍ରଭାରୀ ଗୋବିନ୍ଦ ଜୈନ, ପ୍ରତାପ ବାଗ, ଭୂନେ ସାଗର, ପ୍ରଭାତ ସୁନା ପ୍ରମୁଖ ସାସ୍ଥ୍ୟକେନ୍ଦ୍ରକୁ ଯାଇ ତାଙ୍କୁ ଦେଖା କରିଥିଲେ। ତାଙ୍କ ସାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କଠାରୁ ପଚାରି ବୁଝିଥିଲେ।

# ସାର ନ ମିଳିବାରୁ ତହସିଲ ଅଫିସ ଘେରିଲେ ଚାଷୀ

**ବିଷମକଟକ, ୧୪।୯**

- ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ
- ତିନି ଦିନ ମଧ୍ୟରେ ମିଳିବ ସାର

ବିଷମକଟକ ବ୍ଲକ ଅଞ୍ଚଳର ଚାଷୀମାନଙ୍କୁ ସାର ଠିକ୍‌ଭାବେ ମିଳୁନି। ଚାଷୀମାନେ ଲ୍ୟାମ୍ପ୍ସ ଅଫିସକୁ ବାରମ୍ବାର ଆସି ସାର ନ ପାଇ ଫେରୁଛନ୍ତି। ଦୀର୍ଘ ପନ୍ଦର ଦିନ ହେବ ଏପରି ଅବ୍ୟବସ୍ଥା ଲାଗି ରହିଛି। ସେମବାର ମଧ୍ୟ ସାରପାଇଁ ଚାଷୀମାନେ ସମବାୟ ସଂସ୍ଥାକୁ ଆସିଥିଲେ। ସେମାନଙ୍କୁ ସାର ନ ମିଳିବାରୁ ଚାଷୀ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ। ତହସିଲ ଅଫିସ ଘେରାଉ କରି ସାର ଯୋଗାଇ ଦେବାକୁ ଚାଷୀ ଦାବି କରିଥିଲେ। ଚାଷୀଙ୍କ ସହ ତହସିଲଦାର ଆଲୋଚନା କରିଥିଲେ। ତିନିଦିନ ମଧ୍ୟରେ ସାର ମିଳିବା ପ୍ରତିଶ୍ରୁତି ପାଇ ଚାଷୀ ଆନ୍ଦୋଳନ ହଟାଇ ଥିଲେ।

ବ୍ଲକରେ ଚଳିତ ବର୍ଷ ୬୬୫୧ ହେକ୍ଟର ଜମିରେ ଧାନ ଏବଂ ୪୪୦୦ହେକ୍ଟର ଜମିରେ କପା ଚାଷ କରାଯାଇଛି।



ଅଧିକାରୀମାନେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ବ୍ଲକରେ ପଞ୍ଜୀକୃତ ଚାଷୀ ୬୬୫୧ଜଣ ରହିଛନ୍ତି। ସେମାନେ ବାରମ୍ବାର ସାର ପାଇଁ ଲ୍ୟାମ୍ପସକୁ ଯାଉଛନ୍ତି। କିନ୍ତୁ ନିରାଶ ହୋଇ ଫେରୁଛନ୍ତି। ଏ ନେଇ ଚାଷୀମାନେ ସୋମବାର ତହସିଲଦାରଙ୍କୁ ଜଣାଇଥିଲେ। ତହସିଲଦାର ଶୁଭେନ୍ଦୁ ଜେନା କୃଷି ଅଧିକାରୀ ଏବଂ ଲ୍ୟାମ୍ପସ ଏମ୍‌ଡିଙ୍କୁ ଡକାଇ ଚାଷୀଙ୍କୁ ସାର ନ ମିଳିବାର କାରଣ ସମ୍ପର୍କରେ ପଚାରି ବୁଝିଥିଲେ। ଚାଷୀଙ୍କୁ କିପରି ତୁରନ୍ତ ସାର ମିଳିପାରିବ ସେ ନେଇ ଆଲୋଚନା କରିଥିଲେ। ଆବଶ୍ୟକତାକୁ ଆକଳନ କଲେ ୯୦୦ ମେଟ୍ରିକ ଟନ୍ ସାର ଦରକାର ହେଉଛି। ବ୍ଲକକୁ କିନ୍ତୁ ୩୪୬.୦୦୫ ମେଟ୍ରିକ ଟନ୍ ସାର ଆସିଛି। ଆବଶ୍ୟକତାଠାରୁ ଅତି କମ୍ ପରିମାଣର ସାର ଆସୁଥିବାରୁ ଏଭଳି ସମସ୍ୟା ଦେଖାଦେଉଥିବା ଅଧିକାରୀମାନେ କହିଥିଲେ। ତିନିଦିନ ମଧ୍ୟରେ ସମସ୍ତ ଚାଷୀଙ୍କୁ ସାର ଯୋଗାଇ ଦିଆଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।

# ଜଙ୍ଗଲରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇଘର, ୧୪।୯(ଡି.ଏନ.ଏ.)**

ରାଇଘର ପୋଲିସ ସୋମବାର ସ୍ଥାନୀୟ ଜଙ୍ଗଲରୁ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଦୁଗୁଲିପରା ଗ୍ରାମର ରମେଶ ରାଉତ(୨୨) ଓ ବିଡ଼ିଶାରୀ ଗ୍ରାମର ଲଳିତା ରାଉତ(୨୦)। ଗୋଟିଏ ଓଢଣୀରେ ଉଭୟଙ୍କ ମୃତଦେହ ଝୁଲିଥିଲା। ଏହା ଆତ୍ମହତ୍ୟା ନା ହତ୍ୟା ତାହା ସ୍ପଷ୍ଟ ଜଣାପଡିନି।

ପ୍ରକାଶ ଯେ, ରାଇଘର ବ୍ଲକ ଦେବାଗାଁ ପଞ୍ଚାୟତ ଦୁଗୁଲିପାରା ଅଞ୍ଚଳର ବଳିରାମ ଗଣ୍ଡ ସକାଳେ ଶୌଚ ହେବାକୁ ଯାଇଥିବାବେଳେ ଏକ ଛୋଟ ଚକୁଣ୍ଡା ଗଛରେ ମୃତଦେହ ଦୁଇଟି ଝୁଲୁଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକ ମୃତଦେହ ଦୁଇଟିକୁ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନରୁ ପ୍ରେମ ସମ୍ପର୍କ ଥିଲା। ରମେଶ ରବିବାର ରାତିରେ ଖାଇ ପିଇ ସାରି ଘରୁ ବାହରକୁ ଯାଇଥିଲେ। ଆଉ କିନ୍ତୁ ଘରକୁ ଫେରି ନ ଥିଲେ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ରାଇଘର ଥାନାଧିକାରୀ ଅଭୟ କୁମାର ବେହେରା, ଏସ୍‌ଆଇ ଅନୁଶୟା ନାୟକ,ଏଏସ୍‌ଆଇ ପ୍ରଦୀପ କୁମାର ବାଘ ଓ ରାଇଘର ତହସିଲଦାର ତୁଷାର ଜ୍ୟୋତି ରଞ୍ଜନ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ମିଳିଥିବାସ୍ଥାନରୁ କିଛି ଦୂରରେ ଲଳିତାଙ୍କ କାନଫୁଲ ଓ ଏକ ବୋତାମ ମିଳିଛି। ଏହାକୁ ନେଇ ପୋଲିସ ତଦନ୍ତ ଆଗକୁ ବଢାଇଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।

# ଜମିରେ ବେଲୁନ ସଦୃଶ ପାରାଶୁଟ

**ମାଲକାନଗିରି/ଏମ୍‌ଭି-୭୯/ କାଲିମେଳା, ୧୪।୯(ଡି.ଏନ୍.ଏ)**

ମାଲକାନଗିରି ଏମ୍‌ଭି-୮୩ ଗାଁରେ ସୋମବାର ଏକ ବେଲୁନ ସଦୃଶ ପାରାସୁଟ ଉଡି ଆସିଛି। ଏହା କେଉଁଠୁ ଓ କିପରି ଆସିଲା ତାହାର କୌଣସି ନିର୍ଦ୍ଦିଷ୍ଟ ଖବର ନାହିଁ। ଲୋକେ କିନ୍ତୁ ଏହାକୁ ଦେଖିବାକୁ ଭିଡ଼ ଜମାଇଛନ୍ତି। ପ୍ରଥମ ଥର ପାଇଁ ଅଞ୍ଚଳରେ ଏପରି ପାରାଶୁଟ ଦେଖାଦେଇ ଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ମୋଟୁ ଥାନା ଅଧୀନ ଲୁଗେଲ ପଞ୍ଚାୟତ ଏମ୍‌ଭି-୮୩ ଗାଁରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ଏକ ଚାଷ ଜମିରେ ସୋମବାର ସକାଳୁ ଏକ ବିରାଟକାୟ ବେଲୁନ ପଡିଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ। ଏ ସମ୍ପର୍କରେ ଅଞ୍ଚଳବାସୀ ତୁରନ୍ତ ମୋଟୁ ଥାନାକୁ ଜଣାଇଥିଲେ। ମୋଟୁ ଥାନାଧିକାରୀ ସୁଶାନ୍ତ କୁମାର ସାହୁ କାଲିମେଳା ଅଗ୍ନିଶମ ବିଭାଗକୁ ଜଣାଇବା ସହ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ପଠାଇଥିଲେ। କାଲିମେଳା ଅଗ୍ନିଶମ ବିଭାଗ କେନ୍ଦ୍ର



ଜମିରେ ପଡିଥିବା ବେଲୁନ ସଦୃଶ ପାରାଶୁଟକୁ ପୋଲିସ ଯାଞ୍ଚ କରୁଛି।

**ଅଞ୍ଚଳରେ ଭୟର ବାତାବରଣ**

ଅଧିକାରୀ ଗୁପ୍ତେଶ୍ୱର ଦାସଙ୍କ ନେତୃତ୍ୱରେ କର୍ମଚାରୀମାନେ ସେଠାରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ। ଉକ୍ତ ବେଲୁନରେ 'ଇଣ୍ଡିଆନ ମେଟ୍ରୋ ଲୋଜିକାଲ ଡିପାର୍ଟମେଣ୍ଟ' ଭାରି ସରକାର, ନୂଆଦିଲ୍ଲୀ ବୋଲି ଉଲ୍ଲେଖ ରହିଛି। ଏଥିସହ ଜିନିୟାଙ୍ଗ ଇଣ୍ଡଷ୍ଟ୍ରିଆଲ କୋ. ପ୍ରାଇଭେଟ କମ୍ପାନୀର ଏକ ଜିପିଏସ୍ ଲାଗିଥିବା ଦେଖିବାକୁ ମିଳିଛି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉକ୍ତ ବେଲୁନରେ ଥିବା ଗ୍ୟାସକୁ ବାହାର କରିଥିଲେ। ପରେ ଘଟଣାର ଉପଯୁକ୍ତ ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉକ୍ତ ବେଲୁନକୁ ମୋଟୁ ପୋଲିସକୁ ହସ୍ତାନ୍ତର କରାଯାଇଛି। ଏହା କୌଣସି ବିସ୍ଫୋରକ ସାମଗ୍ରୀ ନୁହେଁ। ଭାରତ ସରକାରଙ୍କ ପଣିପାଗ ବିଭାଗର ହୋଇ ଥାଇପାରେ ବୋଲି ଅନୁମାନ କରାଯାଉଥିବା ଅଗ୍ନିଶମ ବିଭାଗର କେନ୍ଦ୍ର ଅଧିକାରୀ କହିଛନ୍ତି। ତେବେ ଉଦ୍ଧାର ହୋଇଥିବା ବେଲୁନଟି କାହାର, କେଉଁଠୁ ଆସିଛି ଓ ଏହି ଜାଗାରେ କିପରି ଖସିଲା ତାହାର ଉପଯୁକ୍ତ ତଦନ୍ତ କରାଯିବ ବୋଲି ପୋଲିସ କହିଛି।

### ସାପ କାମୁଡାରେ ମହିଳାଙ୍କ ଜୀବନ ଗଲା

**କାଲିମେଳା,୧୪।୯(ଡି.ଏନ.ଏ.)**

ମାଲାକନଗିରି ଜିଲା କାଲିମେଳା ବ୍ଲକ ମୋଟୁ ଥାନା ଅଧୀନ ନାକାଗୁଡା ଗ୍ରାମରେ ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି।ସେ ହେଲେ ନାକାଗୁଡା ଗ୍ରାମର କାଣ୍ଡି ମାଡକାମୀ(୪୬)। ପ୍ରକାଶ ଯେ, କାଣ୍ଡି ଏବଂ ତାଙ୍କ ଝିଅ ଶୁକ ରବିବାର ରାତିରେ ଖାଇସାରି ନିଜ ଘରେ ଶୋଇଥିଲେ। ରାତି ଭୋର ପ୍ରାୟ ୩ଟାରେ କାଣ୍ଡିଙ୍କ ଡାହାଣ ଗୋଡକୁ ଏକ ବିଷଧର ସାପ କାମୁଡିଦେବାରୁ ସେ ଉଠିପଡିଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସଙ୍ଗେସଙ୍ଗେ କାଲିମେଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୋମବାର ସକାଳ ପ୍ରାୟ ୭ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଯାଇଛି। ଘଟଣା ସମ୍ପର୍କରେ ମହିଳାଙ୍କ ଭାଇ ଜଗା ମାଢି ଏ ନେଇ ମୋଟୁ ଥାନରେ ଖବର ଦେଇଥିଲେ। ପୋଲିସ କାଲିମେଳାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ମୋଟୁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି। କାଣ୍ଡିଙ୍କ ସ୍ୱାମୀ ଗଙ୍ଗା କିଛି ବର୍ଷ ତଳେ ପ୍ରାଣ ହରାଇଥିଲେ। ଏକମାତ୍ର ଝିଅ ଶୁକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ମିଳିଲା ନିଖୋଜ ବଣ୍ଡା ଯୁବତୀଙ୍କ ମୃତଦେହ

**ମାଲକାନଗିରି, ୧୪।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ତଣ୍ଡାପାଲ୍ଲୀ ଗ୍ରାମ ପାଖରେ ଥିବା ଏକ ଧାନ ମିଲ ନିକଟରେ ଜଣେ ବଣ୍ଡା ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ ମାଲକାନଗିରି ଜିଲା ମୁଦୁଲିପଡା ଗ୍ରାମର ସାବିତ୍ରୀ ଶିଶା (୨୦)। ସେ ତଣ୍ଡାପାଲ୍ଲୀ ପଞ୍ଚାୟତ ନନ୍ଦବସ୍ତି ଗାଁରେ ଥିବା ଚାଉଳ ମିଲରେ କାମ କରୁଥିଲେ। ତେବେ ସେ ରବିବାରରୁ ନିଖୋଜ ଥିଲେ। ମିଲ୍ କର୍ମଚାରୀ ଓ ଶ୍ରମିକମାନେ ବହୁ ଖୋଜାଖୋଜି କଲାପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସକାଳୁ ତାଙ୍କର ମୃତଦେହ ଗଛରେ ଝୁଲୁଥିବା ଦେଖି ମିଲ୍ କର୍ମଚାରୀ ମାଲାକନଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ। ଏ ନେଇ ମାଲାକନଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

# ସପ୍ଲିମେଣ୍ଟାର ପରୀକ୍ଷା ଦେଲେ ୭୭୪ ଜଣ

**ରାୟଗଡ଼ା ଅଫିସ, ୧୪।୯**

କୋଭିଡ ଗାଇଡ଼ଲାଇନ ଭିତରେ ରାୟଗଡ଼ା ଜିଲାର ୭ କେନ୍ଦ୍ରରେ ୭୭୪ ଜଣ ପରୀକ୍ଷାର୍ଥୀ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇଛନ୍ତି। ଅବାଧ ଓ ନିରପେକ୍ଷ ପରିଚାଳନା ପାଇଁ ଏକ ସ୍ୱନ୍ତ୍ର ସ୍କ୍ୱାର୍ଡ଼ ଗଠନ କରାଯାଇଛି। ପିଲାମାନେ ସାମାଜିକ ଦୂରତା ବଜାୟ ରଖି ପରୀକ୍ଷା ଦେଇଥିଲେ। କ୍ଲାସ ରୁମକୁ ଯିବା ପୂର୍ବରୁ ହାତ ଧୋଇ ଥିଲେ।

# ଖୋଲୁନି ବ୍ଲକ କାର୍ଯ୍ୟାଳୟ ଫାଟକ

- ପ୍ରଶାସନକୁ ଘାରିଛି କରୋନା ଭୟ
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ

**ବୈପାରୀଗୁଡା, ୧୪।୯ (ଡି.ଏନ୍.ଏ)**



ଚଳିତ ମାସ ପହିଲାରୁ କେନ୍ଦ୍ର ସରକାର ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଉଠାଇ ଦେଇଛନ୍ତି। ଯାହାଫଳରେ ଧୀରେ ଧୀରେ ପରିସ୍ଥିତି ସ୍ୱାଭାବିକ ହେଉଛି। ଅପରପକ୍ଷେ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟରେ ଏବେବି ସର୍ବ ସାଧାରଣଙ୍କ ଯିବା ଆସିବା ଉପରେ କଟକଣା ରହିଛି। ବ୍ଲକ ଅଫିସ ମୁଖ୍ୟ ଫାଟକ ଏବଂ ପଛପଟେ ଥିବା ଆଉ ଏକ ଗେଟ୍ ସବୁବେଳେ ବନ୍ଦ ରହୁଛି। ବ୍ଲକ ଅଫିସ ଉପରେ ସମସ୍ତ ବିକାଶମୂଳକ କାର୍ଯ୍ୟ ପାଇଁ ଅଞ୍ଚଳବାସୀ ନିର୍ଭର କରନ୍ତି। ବିଭିନ୍ନ କାମରେ ବ୍ଲକର ଆଭ୍ୟନ୍ତରିଣ ଇଲାକାର ଆଦିବାସୀ ଲୋକଙ୍କୁ ଆସିବାକୁ ପଡିଥାଏ। ତେବେ ଫାଟକ ବନ୍ଦ ଥିବାରୁ ଅଫିସ୍ ଛୁଟି ଥିବା ଭାବି ଅନେକଙ୍କ ଭ୍ରମ ସୃଷ୍ଟି ହେଉଛି।

### ଯୁବକଙ୍କୁ ଖୁଣ୍ଟିରେ ବାନ୍ଧି ଆକ୍ରମଣ

**ହିଞ୍ଜିଳିକାଟୁ,୧୪।୯(ଡି.ଏନ୍.ଏ)**

ହିଞ୍ଜିଳି ଥାନା ବାଦିଆମ୍ବଗାଁରେ ରବିବାର ସଂଘବଦ୍ଧ ଭାବେ ଜଣେ ଯୁବକଙ୍କୁ ଖୁଣ୍ଟିରେ ବାନ୍ଧି ଆକ୍ରମଣ କରିଥିଲେ। ସେ ହେଲେ ଉକ୍ତ ଗାଁର ନରସିଂହ ପଣ୍ଡା। ପୂର୍ବ ଶତୃତାକୁ ନେଇ ଗ୍ରାମର ଗୋଟିଏ ସାହିର ଲୋକେ ସଂଘବଦ୍ଧ ଭାବେ ନରସିଂହଙ୍କ ଘରକୁ ଆସି ତାଙ୍କ ଭଉଣୀଙ୍କୁ ଗାଳି ଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ନରସିଂହଙ୍କୁ ଉକ୍ତ ଲୋକେ ଧରି ଏକ ଖୁଣ୍ଟିରେ ବାନ୍ଧି ପିଟିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ନରସିଂହଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଥିଲା। ନରସିଂହଙ୍କ ଏତଲା କ୍ରମେ ପୋଲିସ ନଂ. ୩୨୨/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜମି ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ଅଭିଯୋଗ



ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଅଭିଯୋଗକାରୀମାନେ।

**ଜୟପୁର (ଡି.ଏନ୍.ଏ./ନି.ପ୍ର.)**

ମଣ୍ଡିରେ ଧାନ ବିକ୍ରିରେ ପାଇଁ ସ୍ୱଚ୍ଛତା ଆଣିବାକୁ ସରକାର ଅନ୍‌ଲାଇନ ବ୍ୟବସ୍ଥା କରିଛନ୍ତି । କିନ୍ତୁ ଲ୍ୟାମ୍ପସର କିଛି କର୍ମଚାରୀ ଚଞ୍ଚକତା କରି ଜମି ନ ଥିବା ଲୋକଙ୍କ ନାମ ପଞ୍ଜୀକରଣ କରିଥିବା କୋରାପୁଟ ଜିଲା କୋଟପାଡ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି।

କୋରାପୁଟ ଜିଲା କୋଟପାଡ ବବେୟା ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ଅଭିଯୋଗ କରିଛନ୍ତି। ବବେୟା ମଣ୍ଡିର ମିଟିୟା, କୋଣ୍ଡାଗାଁ, ବଣୁଆଗୁଡା, ବାଜିଗୁଡା ଆଦି ଗ୍ରାମର ୪୨ ଲୋକଙ୍କ ଜମି ନ ଥିବା ବେଳେ ସେମାଙ୍କ ନାମ ମଣ୍ଡିରେ ପଞ୍ଜୀକୃତ ହିଇଥିବା ଅଭିଯୋଗ ହୋଇଛି। ୪୨ ଲୋକଙ୍କ ପ୍ରାୟ ୫୦୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରାଯାଇଛି। ଏପଟେ ସେମାନଙ୍କ ପଞ୍ଜୀକରଣ ଅନ୍ୟ ଗ୍ରାମର ମଣ୍ଡିରେ କରାଯାଇଛି। ଏପରି ଜମି ନଥିବା ଲୋକଙ୍କ ଜମି ଥିବା ଦର୍ଶାଇ କିଭଳି ପଞ୍ଜୀକରଣ କରାଗଲା ତାହାକୁ ନେଇ ଚାଷୀ ପ୍ରଶ୍ନ କରିଛନ୍ତି। ଏହାକୁ ଆଜି ଚାଷୀ ଜିଲା ଖାଉଟି ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ପପୁ ଦଳବେହେରା, ପୂର୍ଣ୍ଣ ଭତ୍ରା, ଯମୁନା ମାଝି, ଲଖମୁ ମାଝି, ମଙ୍ଗଳସାଇ ଭତ୍ରା, ରାମ ପୂଜାରୀ, ସୁଦ୍ଧୁ ମାଝି, ଶୋଭା ମାଝି ପ୍ରମୁଖ ଏହାର ତଦନ୍ତ ଦାବି କରିଛନ୍ତି। ଲିଖିତ ଅଭିଯୋଗ ପରେ ଯୋଗାଣ ଏବଂ ସମବାୟ ବିଭାଗ ପକ୍ଷରୁ ମିଳିତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି।

# ୬୨ ହଜାର ଟଙ୍କାର ଗଞ୍ଜେଇ ଜବତ

**କୋରୁକୋଣ୍ଡା,୧୪।୯ (ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ଓର୍କେଲ ପୋଲିସ ୩୧କିଲୋ ଗାଞ୍ଜାଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ତନୋଜ ଜିଲାର ମହେଶ ସିଂ (୨୬) ଏବଂ ଦିଲ୍ଲୀ ବିଶ୍ୱାସ ନଗରର ଆକାଶ କୁମାର (୨୩)। ପ୍ରକାଶ ଯେ, ଓର୍କେଲ ଥାନା ଅଧୀନ କୁଡୁମୁଲୁଗୁମ୍ମା ଫାଣ୍ଡି ଏସ୍‌ଆଇ ଗୀରିଶ ମହାରଣା ଓ ଟିମ୍ ଯାନବାହାନ ଯାଞ୍ଚ କରୁଥିବା ବେଳେ ବାଲିମେଳା ପଟୁ ଏକ ମୋଟରସାଇକେଲ (ୟୁପି-୮୨ଡବ୍ଲୁ-୪୫୩୦) ଗାଡିରେ ଗଞ୍ଜେଇ ଥିବା ଜଣା ପଡିଥିଲା। ପୋଲିସ ମହେଶ ଓ ଆକାଶଙ୍କୁ ଥାନାକୁ ଆଣିଥିଲା। ସେମାନଙ୍କ ନିକଟରୁ ୩୧କଲୋ ୨ଶହ ଗଞ୍ଜେଇ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୬୨ ହଜାର ୪ଶହ ଟଙ୍କା ହେବ। ଓର୍କେଲ ଥାନାରେ କେସ୍ ନଂ ୧୫୮/୨୦ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ଜଗଦୀଶ ବାରା କହିଛନ୍ତି।

# ପୋଲାଭରମ ପ୍ରକଳ୍ପ ଜନ ବିରୋଧୀ ମଞ୍ଚର ବୈଠକ

**କାଲିମେଳା,୧୪।୯(ଡି.ଏନ୍.ଏ.)**

ମାଲକାନଗିରି ଜିଲା କାଲିମେଳା ବ୍ଲକ ମୋଟୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପୋଲାଭରମ ପ୍ରକଳ୍ପ ଜନ ବିରୋଧୀ ମଞ୍ଚର ଜାତୀୟ କମିଟି ଅଧ୍ୟକ୍ଷ ପ୍ରଭାକର ହନ୍ତାଳଙ୍କ ସଭାପତିତ୍ୱରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଗତବର୍ଷ କେନ୍ଦ୍ର ସରକାର ଏକ ସତ୍ୟପାଠ ଜରିଆରେ ସୁପ୍ରିମକୋର୍ଟଙ୍କୁ ଓଡିଶା ଏବଂ ଛତିଶଗଡର ପୋଲାଭରମ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ କିମ୍ବା ଥଇଥାନର ଆବଶ୍ୟକତା ନ ଥିବା ଉଲ୍ଲେଖ କରିଛନ୍ତି। ସିଲେରୁ ଏବଂ ସାବେରୀ ନଦୀର ଉଭୟ କୂଳରେ ସେମାନେ ଆଡିବନ୍ଧ ନିର୍ମାଣ କରିବେ। ପୋଲାଭରମର ପଛୁଆ ଜଳ ଏ ଦୁଇଟି ରାଜ୍ୟର ସୀମାରେ ନ ପସିବାକୁ ସତ୍ୟପରଠରେ ରହିଛି। ଏହି ସତ୍ୟପାଠ କୋର୍ଟରେ ଦାଖଲ କରିବା ପୂର୍ବରୁ ବୈଷୟିକ ଏକ୍ସପୋର୍ଟଙ୍କ ପରାମର୍ଶ ନେଇ ନ ଥିବା ପରିଲକ୍ଷିତ ହେଉଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଆଡିବନ୍ଧ ତିଆରି କଲେ ବର୍ଷାଦିନେ ମାଲକାନଗିରି ଜିଲାର ବିଭିନ୍ନ ନଦୀ ନାଳରୁ ବନ୍ୟାପାଣି ନିଷ୍କାସନ ହୋଇ ପାରିବ ନାହିଁ। ବନ୍ୟାରେ ଅଧିକାରୁ ଅଧିକ ଗାଁ ବୁଡିଯିବ। ତେଣୁ ଆନ୍ଧ୍ର ଓ କେନ୍ଦ୍ର ସରକରଙ୍କ ଆଦିବାସୀ ମାରଣା ନୀତି ବିରୋଧରେ ସଙ୍ଗଠନର ଏକ ଟିମ୍ ୧୬ ତାରିଖରୁ ପୋଲାଭରମ ଡ୍ୟାମ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବ। ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ କୋଭିଡ ନିୟମ ଅନୁଯାଇ ସାମାଜିକ ଦୁରତା ରକ୍ଷା କରି ସମସ୍ତେ ମାସ୍କ ପିନ୍ଧିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସହ ସମ୍ପାଦକ ଏ.ଡି. ଦେବଦାନାମ, ମୋଟୁ ସରପଞ୍ଚ ମୁନା ସୋଡି, କାଟାମ ଜଗା,ଦାରି ରାଜା.ମାଡକାମୀ ସୁବା ଏବଂ ମାଡକାମି ଭୀମା ପ୍ରମୁଖ ଉପସ୍ଥିତ ଥିଲେ।

# ଦାଦନ ଶ୍ରମିକଙ୍କୁ ରିଲିଫ ପ୍ରଦାନ ଦାବି କଲା ସିପିଆଇ

**ଜୟପୁର, ୧୪।୯(ନି.ପ୍ର./ଡି.ଏନ.ଏ.)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜାତୀୟ ପରିଷଦର ଆହ୍ୱାନକ୍ରମେ ସୋମବାର କୋରାପୁଟ ଜିଲା ଜୟପୁର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଦେଶରେ ସିପିଆଇ ପ୍ରତିବାଦ ଦିବସ ପାଳିଛି। ବେରୋଜଗାରୀ ହଟାଇବା, ଦାଦନଶ୍ରମିକଙ୍କୁ ପର୍ଯ୍ୟାପ୍ତ ରିଲିଫ, ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ବାକ ସ୍ୱାଧୀନତାକୁ ଖତମ କରିବାକୁ ସେମାନେ ଦାବି କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଅବ୍ୟବସ୍ଥା ବିରୋଧରେ ଏହି ପ୍ରତିବାଦ କରାଯାଇଥିଲା। ସରକାର ବାକ୍ ସ୍ୱତନ୍ତ୍ରତା ଉପରେ ରୋକ ଲଗାଉବାକୁ ଚେଷ୍ଟା କରୁଛନ୍ତି। ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କଲେ ଦେଶଦ୍ରୋହୀ ଆଖ୍ୟା ଦେଇ ଜେଲରେ ବନ୍ଦ କରାଯାଉଛି। କରୋନା କାଳରେ କାମ ହରାଇଥିବା ସବୁ ଗରିବଙ୍କୁ ମାସିକ ୭୫୦୦ ଟଙ୍କା, ମୁଣ୍ଡ ପିଛା ମାସିକ ୧୦ କେଜି ଚାଉଳ ଦେବା, କଳକାରଖାନା ଚାଲୁ କରିବା ସହ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ସୁଯୋଗ ଦେବାକୁ ସେମାନେ ଦାବି କରିଥିଲେ। ସେମାନଙ୍କ ଦାବି ଉଲ୍ଲେଖ ଥିବା ପ୍ଲା କାର୍ଡ ଧରି ରାସ୍ତା କଡରେ ସିପିଆଇ ପକ୍ଷରୁ ଧାରଣା ଦିଆଯାଇଥିଲା। ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲା ସହସମ୍ପାଦକ ରାମକୃଷ୍ଣ ଦାସ, ଶ୍ରମିକ ନେତା ସୁଦର୍ଶନ ବିଷୋୟୀ, ନନ୍ଦ ହରିଜନ, ମନ ହରିଜନ, ଗୁପ୍ତ ସିରିଆ, ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଦିଲ୍ଲୀ ଦଙ୍ଗାର ପ୍ରକୃତ ଦୋଷୀଙ୍କୁ ଛାଡି ବାମପନ୍ଥୀ ପ୍ରଗତିଶୀଳ ବ୍ୟକ୍ତି ବିଶେଷଙ୍କୁ ଗିରଫ କରାଯାଇଛି। ଏହା ବିରୋଧରେ ଆନ୍ଦୋଳନ ହେବ ବୋଲି ସିପିଆଇର ପ୍ରମୋଦ କୁମାର ମହାନ୍ତି ସୂଚନା ଦେଇଛନ୍ତି।




ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

